## ସଂକ୍ଷେପରେ

### ଚାଷୀଙ୍କଠାରୁ ୪୯ ହଜାର ଲୁଟ୍



ବନ୍ତଲା,୧୬।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ବସଲା ମୁଣ୍ଡାଡ଼ିପ ନିକଟ କଂସରା ପାହାଡ଼ଠାରେ ଶନିବାର ଅପରାହ୍ନରେ ଜଣେ ଚାଷୀଙ୍କଠାରୁ ଲୁଟ୍ ହୋଇଛି। ୨ ଜଣ ଦୁର୍ବୃତ୍ତ ଏକ ବାଇକ(ନଂ. ଓଡି୧୯ ଏଚ- ୬୧୯୬)ରେ ଆସି ଆଠମଲ୍ଲିକ ଥାନା ପକୁଣ୍ଡା ଗ୍ରାମର ଚାଷୀ ପ୍ରକାଶ ଚନ୍ଦ୍ର ସାହୁ (୪୨)ଙ୍କ ଠାରୁ ୪୯,୪୭୦ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପ୍ରକାଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଶୁକ୍ରବାର ଭୁବନେଶ୍ୱର ୧ ନଂ. ମାର୍କେଟରେ ପ୍ରକାଶ ବାଇଗଣ ବିକ୍ରି କରି ଶନିବାର ପିକ୍ଅପ ଭ୍ୟାନରେ ଅନୁଗୋଳ ଫେରୁଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଗାଡ଼ିକୁ ଅଟକାଇଥିଲେ। ପ୍ରକାଶଙ୍କୁ ମାଡ଼ ମାରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଗାଡି ଚାବି ଛଡାଇ ନେଇଥିଲେ। ଏଥିସହ ସେ ରଖିଥିବା ଟଙ୍କା ଲୁଟ୍ କରି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ହୋଇଯାଇଥିଲେ। ପ୍ରକାଶ ଆହତ ହୋଇ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଆଇଆଇସି ଗୀତାଞ୍ଜଳି ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### 'ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ତାଳଚେର,୧୬।୧୧(ନି.ପ୍ର.)- ତାଳଚେର ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ପ୍ରେସ୍ କ୍ଲବ୍ଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଏମ୍ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ତାଳଚେର ଭଳି ଶିଳ୍ପାଞ୍ଚଳରେ ଥିବା ବିବିଧ ସମସ୍ୟା ସମାଧାନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଶର୍ମା ଓ ତାଳଚେର ଓକିଲ ସଂଘର ସଭାପତି ରଣଜିତ୍ ଘୋଷ ପ୍ରମୁଖ ଯୋଗଦେଇଥିଲେ। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ମିଶ୍ର ମଞ୍ଚ ସଞ୍ଚାଳନ, ଦୀପକ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଦେବୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଆୟୋଜିତ ଆଲୋଚନା ଚକ୍ରରେ ଓକିଲ, ବୁଦ୍ଧିଜୀବୀ, ସାମାଜିକକର୍ମୀ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

## ଜିଲାସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ ସର୍ଗିଫୁଲ

# 'ପ୍ରତିଭା ବଳରେ ଗୌରବ ଅର୍ଜନ କର'

ଅନୁଗୋଳ ଅଫିସ, ୧୬।୧୧



ଅନୁଗୋଳ ଜିଲା ବଅଁରପାଳ ସେବାଶ୍ରମଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଜିଲାସ୍ତରୀୟ ବାର୍ଷିକ ମହୋତ୍ସବ ସର୍ଗିଫୁଲ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ପରିଶ୍ରମ ହିଁ ସଫଳତାର ମାପକାଠି। ଅକ୍ଳାନ୍ତ ଉଦ୍ୟମ ଜାରି ରଖି ନିଜ ପ୍ରତିଭା ପ୍ରଦର୍ଶନ ବଳରେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପିଲାମାନଙ୍କ ଏହି ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ସୁଶ୍ରୀ ଚାରୁଲତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଅଁରପାଳ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ନୃତ୍ୟ, ଗୀତ, ସୃଜନଶୀଳ ଲେଖା, ବକ୍ତୃତା, ତର୍କ, କୁଇଜ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ୪୪ଟି ବିଦ୍ୟାଳୟରୁ ୨୦୭ ଜଣ ପ୍ରତିଯୋଗୀ କନିଷ୍ଠ ଓ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୩୦ ଜଣଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି। ଜିଲାର ସମସ୍ତ ସହକାରୀ ଜନମଙ୍ଗଳ ଅଧିକାରୀ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଓ ସେବାଶ୍ରମଗୁଡ଼ିକର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇ ସହଯୋଗ କରିଥିଲେ।

## ଟ୍ରକ୍‌ରୁ ୫ ଲକ୍ଷ ଜରିମାନା ଆଦାୟ ନିର୍ଦ୍ଦେଶ

ଛେଣ୍ଡିପଦା,୧୬।୧୧(ସ୍ୱ.ପ୍ର)

ଛେଣ୍ଡିପଦା ତହସିଲ ଜରପଡା ରେଲୱେ ଷ୍ଟେଶନ ଅଞ୍ଚଳରୁ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ଏକ ହାଇୱା ଟ୍ରକ୍(ନଂ. ଓଆର୦୪କେ- ୬୬୭୬)କୁ ଶୁକ୍ରବାର ଛେଣ୍ଡିପଦା ତହସିଲଦାର ଜବତ କରିଥିଲେ। ଏ ନେଇ ଛେଣ୍ଡିପଦା ତହସିଲଦାର ଜରପଡା ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ଆଧାର କରି ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ଶନିବାର ଉକ୍ତ ଟ୍ରକ ମାଲିକଙ୍କଠାରୁ ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଏହି ଚଢ଼ାଉକୁ ଜୋରଦାର କରାଯିବା ସହିତ ସରକାରୀ ରାଜସ୍ୱ ଫାଙ୍କି ଚୋରା ଚାଲାଣ କରୁଥିବା ମାଫିଆମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛେଣ୍ଡିପଦା ତହସିଲଦାର ପ୍ରକାଶ କରିଛନ୍ତି।

# ଟ୍ରେନ ଧକ୍କାରେ ଛାତ୍ର ଗୁରୁତର



କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ଆନ୍ଦୋଳନ।

ବଅଁରପାଳ,୧୬।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ବଅଁରପାଳ ଥାନା ବୁଢ଼ାପଙ୍କ ନିକଟରେ ଶନିବାର ନାଲ୍‌କୋ ରେଳ ଧାରଣାରେ ଏକ ଟ୍ରେନ ଧକ୍କାରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ବୁଢାପଙ୍କ ଗ୍ରାମର ସୁନୀଲ ପ୍ରଧାନ(୧୦)। ସୁନୀଲ ରେଳଧାରଣା ପାର୍ ହୋଇ ସ୍କୁଲକୁ ଯାଉଥିବା ସମୟରେ ଏକ ଟ୍ରେନ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବଅଁରପାଳର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରେଳ ଧାରଣାରେ ବସି ଆନ୍ଦୋଳନ କରିଥିଲେ। ନାଲ୍‌କୋ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଅନୁଗୋଳ ଅଫିସ, ୧୬।୧୧

ଏକ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ କଣ୍ଟାବେଡ଼ା ଗ୍ରାମର ମିଞ୍ଜା ଓରଫ୍ ଭଜମନ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ସ୍ଥଳେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାରୁ ବିବରଣୀରୁ ପ୍ରକାଶ, ଅନୁଗୋଳ ଜିଲା ପୁରୁଣାକୋଟ ଥାନା କଣ୍ଟାବେଡ଼ା ଗ୍ରାମରେ ଗତ ୨୦୧୧ ଅକ୍ଟୋବର ୧ରେ ମାଧବ ପ୍ରଧାନ (୫୦) ପଡୋଶୀଙ୍କ ଘର ସମ୍ମୁଖରେ ଛିଡା ହୋଇଥିବାବେଳେ ମିଞ୍ଜା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ଭୁଜାଲିରେ ମାଧବଙ୍କୁ ଆକ୍ରମଣ କରିଥିଲେ। ପରେ ମାଧବଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମାଧବଙ୍କ ସ୍ତ୍ରୀ ସୁମିତ୍ରା ପ୍ରଧାନ ପୁରୁଣାକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୪/୧୧ରେ ମାମଲା ରୁଜୁ କରି ମିଞ୍ଜାଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଭାକର ଗଣ୍ଡିଆ ମାମଲାର ବିଚାର କରିଥିଲେ। ମୋଟ ୧୩ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ତାପସ ରଞ୍ଜନ ମିଶ୍ର ପରିଚାଳନା କରୁଥିଲେ।

# ଓ.ପି ଜିନ୍ଦଲ ବିଦ୍ୟାଳୟରେ ପୁସ୍ତକ ମେଳା

ଅନୁଗୋଳ ଅଫିସ, ୧୬।୧୧

ଅନୁଗୋଳସ୍ଥିତ ଓ.ପି ଜିନ୍ଦଲ ସ୍କୁଲରେ ଚାଲିଥିବା ପଞ୍ଚମ ପୁସ୍ତକ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମେଳାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ପ୍ରକାଶକଙ୍କ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ କରାଯାଇଥିଲା। ଜେଏସ୍‌ପିଏଲ୍ ମାନବ ସମ୍ବଳ ବିଭାଗ ମୁଖ୍ୟ ଆଲୋକ ମାଲହୋତ୍ରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଛନ୍ଦାଚରଣ ଦାଶ, ଲାଇବ୍ରେରିଆନ ବ୍ରଜମୋହନ ମିଶ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ପୁସ୍ତକ ମେଳାରେ ଛାତ୍ରୀଛାତ୍ରମାନଙ୍କ ସହ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ,




ମେଳା ପରିଦର୍ଶନ କରିବାକୁ ଆସିଥିବା ଆଗନ୍ତୁକମାନେ ନିଜ ନିଜ ପସନ୍ଦର ପୁସ୍ତକ ପଢ଼ିଥିଲେ। ବିଦ୍ୟାଳୟର ଲାଇବ୍ରେରିଆନ ମିଶ୍ର ସହଯୋଗ କରିଥିଲେ।

## ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ପବିତ୍ରନଗର, ୧୬।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ପ୍ରାଣୀ ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ, ଅଧ୍ୟାପିକା ଶ୍ରୀମତୀ ଜ୍ୟୋତିର୍ମୟୀଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନେ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଆକସା ସ୍ୱରୂପ ଓ ସୁମିତ୍ରା ଦଳେଇ ଆଲୋଚନାରେ ଭାଗନେଇଥିଲେ।

# ୫୦ କୃଷକଙ୍କୁ ତାଲିମ



ବଣ୍ଡା, ୧୬।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡ଼ାଠାରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳୀ, ସୁଏଲ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ୧୦ ଦିନିଆ କୃଷକ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବନବିଭାଗ ଏସିଏଫ ରାଜେନ୍ଦ୍ର ଗୋଚ୍ଛାୟତ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ୫୦ ଜଣ ଚାଷୀଙ୍କୁ ବିଭିନ୍ନ ଡାଲି ଜାତୀୟ ଫସଲ ଉତ୍ପାଦନ ପ୍ରଣାଳୀ ଓ ପନିପରିବା ଚାଷ ଉପରେ ତାଲିମ ଦିଆଯାଇଥିଲା। କେ. ସିପ୍ରା ପ୍ରିୟଦର୍ଶିନୀ, ଚୟନିକା ପଟ୍ଟନାୟକ ପ୍ରଶିକ୍ଷକ ଭାବେ ଯୋଗଦେଇ ଚାଷୀମାନେ କିଭଳି ଭଲ ଫସଲ ଉତ୍ପାଦନ କରିପାରିବେ ସେ ସମ୍ପର୍କରେ ତାଲିମ ଦେଇଥିଲେ। ଉଦଯାପନୀ ଉତ୍ସବରେ ବିଶ୍ୱ ଯୁବକେନ୍ଦ୍ର ସଭାପତି ପ୍ରଫେସର ନନ୍ଦକିଶୋର ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବନବିଭାଗ ଡିଏଫଓ ସମ୍ୟକ ସାମନ୍ତରା, ସମ୍ମାନିତ ଅତିଥି ଭାବେ ଏସିଏଫ ଗୌରୀଶଙ୍କର ଦାସ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବୈକୁଣ୍ଠନାଥ ବେହେରା, ରମାକାନ୍ତ ସାଗର, ସନ୍ତୋଷ ଦାସ, ଆକାଶ ସିଂ, ଅପୁ କୁମାର ଯୋଗଦେଇ ମୂଲ୍ୟାୟନ କରିଥିଲେ। ଅଭିଷେକ ମହାପାତ୍ର, ରମେଶ ଚନ୍ଦ୍ର ଦେହୁରୀ ପରିଚାଳନା କରିଥିଲେ।




With Best Compliments From: BLOCK DEVELOPMENT OFFICER, KORAPUT


# ଜେଜେ ବାପା, ଜେଜେ ମା' ସମ୍ମିଳନୀ

ବଣ୍ଡା,୧୬।୧୧(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଶିଶୁ ମନ୍ଦିର ପରିସରରେ ଜେଜେବାପା ଓ ଜେଜେ ମା' ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ଧରଣୀଧର ପ୍ରଧାନ, ବିଦ୍ୟାଳୟ ସମ୍ପାଦକ ପ୍ରାଣବନ୍ଧୁ ସାହୁ, ଉପସଭାପତି ହେମନ୍ତ କୁମାର ଖୁଣ୍ଟିଆ, ଶିକ୍ଷାବିତ୍ ଦିବାକର ପ୍ରଧାନ, ଧନେଶ୍ୱର ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ୪୦ ଜଣ ଜେଜେବାପା ଓ ଜେଜେ ମା' ଅଂଶଗ୍ରହଣ କରିଥିଲେ। ଗଜାନନ ସାହୁ, ଜିତେନ୍ଦ୍ର ସାହୁ, ଅମରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଖବରଦାତାଙ୍କ ସମସ୍ୟା ଉପରେ ଆଲୋଚନା




ଅନୁଗୋଳ ଅଫିସ,୧୬।୧୧

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମ୍‌ଠାରେ ଶନିବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସାନ୍ତନୁ କୁମାର ସର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗ ଦେଇଥିଲେ। ଏଥିରେ ଖବରଦାତା ସୁବାସ ଚନ୍ଦ୍ର ସାହୁ, ଦ୍ୱାରିକା ପ୍ରସାଦ ନନ୍ଦ, ସୁଶ୍ରୀ ପାତ୍ର, ଜଗଦାନନ୍ଦ ପ୍ରଧାନ ପ୍ରମୁଖ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨୦୧୯-୨୦ ବର୍ଷ ପାଇଁ କାର୍ଯ୍ୟରତ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ଼ ମୁଖ୍ୟଅତିଥି ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।



- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।

ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920 facebook.com/HFWOdisha http://www.health.odisha.gov.in/ @HFWOdisha

## ସାପ୍ତାହିକ କାର୍ଯ୍ୟକ୍ରମ

୧୭।୧୧।୧୯

**ଢେଙ୍କାନାଳ**

■‘ସଂଗ୍ରାମର ବାର୍ତ୍ତା’ ଉନ୍ମୋଚନ କାର୍ଯ୍ୟକ୍ରମ
ସ୍ଥାନ: ଜିଲା ଲେଖକ ସଂସଦ
ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

୧୮।୧୧।୧୯

**ଢେଙ୍କାନାଳ**

■ଜନଶୁଣାଣି ଶିବିର
ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**

ମିଳିତ ଜନଶୁଣାଣି ଶିବିର
ସ୍ଥାନ: ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

୧୯।୧୧।୧୯

**ଅନୁଗୋଳ**

■ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ
ସ୍ଥାନ: କଂଗ୍ରେସ ଭବନ
ସମୟ: ପୂର୍ବାହ୍ନ ୮ଟା।

୨୦।୧୧।୧୯

**ଅନୁଗୋଳ**

■ପ୍ରଥମାଷ୍ଟମୀ
ସ୍ଥାନ: ଜଗନ୍ନାଥ ମନ୍ଦିର
ସମୟ: ପୂର୍ବାହ୍ନ ୭ଟା।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ଘରୁ ୫୦ ହଜାର ଲୁଟ୍

ଅନୁଗୋଳ ଅଫିସ, ୧୬।୧୧: ଅନୁଗୋଳ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ଜଣେ ବ୍ୟବସାୟୀଙ୍କ ଘରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବାବେଳେ ଅନୁଗୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛି। କଲେଜ ସମ୍ମୁଖରେ ଥିବା ସୁଜନ ଅଗ୍ରୱାଲାଙ୍କ ଘରେ ଜଣେ ଦୁର୍ବୃତ୍ତ ପଶି ୫୦ ହଜାର ଟଙ୍କା ସହ ଦୁଇ ଭରି ସୁନା, ୮୦ଟି ରୂପା କଏନ ନେଇଯାଇଥିବା ବ୍ୟବସାୟୀ ଜଣକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇବାକୁ ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କ ଘରୁ ସିସି କ୍ୟାମେରାର ଫୁଟେଜ ଯାଞ୍ଚ କରିଛି।

### ୨୦ରେ ଅନୁଗୋଳ ଆସିବେ କାୟାକଳ୍ପ ଟିମ୍

ଅନୁଗୋଳ ଅଫିସ, ୧୬।୧୧: ଆସନ୍ତା ୨୦ ତାରିଖରେ ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ ପାଇଁ କାୟାକଳ୍ପ ଟିମ୍ ଅନୁଗୋଳ ଆସୁଛନ୍ତି। ଏହି ୩ ଜଣିଆ ଟିମ୍ ପ୍ରଥମେ ଆଠମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବେ। ୨୧ ତାରିଖରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଟିମ୍ ମୁଖ୍ୟତଃ ମେଡିକାଲର ଭିତ୍ତିଭୂମି ସହ ରୋଗୀ ସେବା, ମେଡିକାଲର ବର୍ଜ୍ୟବସ୍ତୁ ପରିଚାଳନା ସହ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିବେ। ଅନ୍ୟପକ୍ଷରେ କାୟାକଳ୍ପ ଟିମ୍ ପରିଦର୍ଶନ ପାଇଁ ମେଡିକାଲ କର୍ତ୍ତୃପକ୍ଷ ପ୍ରସ୍ତୁତ ଥିବା କହିଛନ୍ତି।

### ଶିଶୁଙ୍କୁ ମିଳୁ ଉତ୍ତମ ଭବିଷ୍ୟତ



ବଇଣ୍ଡା,୧୬।୧୧(ଡି.ଏନ୍.ଏ.)
ଶିଶୁମାନଙ୍କୁ ଶିକ୍ଷକମାନେ ଉତ୍ତମ ବ୍ୟବହାର ଓ ସଂସ୍କାରମୂଳକ ଶିକ୍ଷା ଦେବାରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କୁ ଏକ ଉତ୍ତମ ଭବିଷ୍ୟତ ମିଳିପାରିବ ବୋଲି ଗୁରୁବାର କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ମହର୍ଷି ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଶିଶୁ ଦିବସରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ଅଧକ୍ଷ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସତ୍ୟଭାମା ବେହେରା, ରଞ୍ଜିତା ଜେମା, ରଶ୍ମିତା ପଣ୍ଡା, ଶ୍ରୀକାନ୍ତ ପ୍ରଧାନ, ରୋଜାଲିନ ପ୍ରଧାନ, ସୁପ୍ରଭାତୀ ସାହୁ, ନିହାରିକା ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜବାହରଲାଲ ନେହେରୁଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଠାକୁରଗଡ଼ ସରସ୍ୱତୀ ଶିଶୁ ମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦିବାକର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରାଣବନ୍ଧୁ ସାହୁ, ହେମନ୍ତ ଖୁଣ୍ଟିଆ, ଜୁଲିରାଣୀ ପ୍ରଧାନ, ଜୟନ୍ତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର, ହଣ୍ଡପା, ନାକିଚି, ବାମୁର, କିଶୋରନଗର ଆଦି ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି।

# ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢୁ



ବଇଣ୍ଡା,୧୬।୧୧(ଡି.ଏନ.ଏ.)

ସମ୍ପ୍ରତି ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଜରୁରୀ ହୋଇପଡ଼ିଛି। ସମାଜର ପ୍ରଗତିରେ ବିଜ୍ଞାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରମାନେ ନିଜକୁ ଏଥିପ୍ରତି ପ୍ରସ୍ତୁତ କରିବା ଦରକାର। ବିଦ୍ୟାଳୟସ୍ତରରୁ ପିଲାମାନେ ବିଜ୍ଞାନ ପ୍ରତି ଆଗ୍ରହ ରଖି ନୂତନ ପ୍ରକଳ୍ପ କରିବାକୁ ଶନିବାର କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ମୁଖ୍ୟବକ୍ତା କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ହଣ୍ଡପା ସରପଞ୍ଚ ଅମୀୟ ପ୍ରଧାନ, ହଣ୍ଡପା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୁରୁଷୋତ୍ତମ ରଣା, ସମୀର ପାତ୍ର, ରାନୁ ବେହେରା, ଦେବାଶିଷ ପ୍ରଧାନ, ସିପୁନ ଦେହୁରି, ଭଜମନ ବେହେରା, ଓମ ପ୍ରକାଶ ପ୍ରଧାନ, ସୀମାରେଖା ସାହୁଙ୍କ ୮ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ସିଆରସିସି ରଞ୍ଜନ କୁମାର ଦେହୁରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। ପାଇକସାହି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁଧାଂଶୁ କୁମାର ବିଶ୍ୱାଳ ବିଚାରକ ଭାବେ ଯୋଗ ଦେଇଥିଲେ। ଏଥିରେ ସୁମିତ୍ରା ରାଉତରାୟ, ଦିଲୀପ କୁମାର ସାହୁ, ମୀନତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଦୃଷ୍ଟି ବାଧିତ ପିଲାଙ୍କ ସର୍ବେକ୍ଷଣ ପାଇଁ ତାଲିମ

ଛେଣ୍ଡିପଦା,୧୬।୧୧(ସ୍ୱ.ପ୍ର.)

ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ଚିହ୍ନଟ ପାଇଁ ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ସାଧନ କେନ୍ଦ୍ର ସଭାଗୃହଠାରେ ଶନିବାର ଅନୁଗୋଳ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଶିକ୍ଷକମାନଙ୍କ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛେଣ୍ଡିପଦା ସହକାରୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ଗଡନାୟକ ଯୋଗଦେଇ ବ୍ଲକରେ ଥିବା ୨୧୯ଟି ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ। ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ।



## ନେହେରୁଙ୍କ ଜୀବନୀ ଜାଣିଲେ ଛାତ୍ରୀଛାତ୍ର



ବିଦ୍ୟାଳୟରେ ଶିଶୁ ଦିବସ ପାଳନ।

ଅନୁଗୋଳ ଅଫିସ, ୧୬।୧୧

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ତଥା ଶିଶୁ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମେଜର ଧନେଶ୍ୱର ଦାସ, ମୁଖ୍ୟବକ୍ତା ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଆଦିକନ୍ଦ ସିଂହସାମନ୍ତ, ନୀର ସାହୁ, ଅଶୋକ କୁମାର ସିଂହ, ତେତ୍ରାନନ୍ଦ ସାମନ୍ତ, ପ୍ରମୋଦ ବେହେରା ଓ ସ୍କୁଲ କମିଟି ସଭାପତି ଅନିଲ ବେହେରା ପ୍ରମୁଖ ଉପସ୍ଥିତ ରହି ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଉପେନ୍ଦ୍ର ସାମଲ, ନିରୁପମା ସାହୁ, ବନିତା ସାହୁ, ରଞ୍ଜିତା ରାଣୀ ପଣ୍ଡା ପାଣିଗ୍ରାହୀ, ପୁରାତନ ଛାତ୍ର ଆଭାସ ଦାସ, ଲିଟନ ଦାସ, ଧୀରେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ବିନୋଦିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ଦକ୍ଷତା ବିକାଶ ତାଲିମ୍



କଣିହାଁ,୧୬।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ହାଇସ୍କୁଲଠାରେ ୩ ଦିନ ଧରି ଚାଲିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆବାସିକ ଦକ୍ଷତା ବିକାଶ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଚିତ୍ରାଙ୍କନ, ହାତ ତିଆରି କାମ, ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ଶିକ୍ଷା ଉପରେ ୮୦ ଜଣ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ବିଆରସିସି ମଙ୍ଗୁଲୁ ଚରଣ ପ୍ରଧାନ, ସାଗରିକା ଜଗଦେବ ପରିଚାଳନା କରିଥିଲେ। ତାଲିମଦାତା ଭାବେ ଶିକ୍ଷକ ରଞ୍ଜିତ୍ ସାହୁ, ପ୍ରଭାସିନୀ ମହାପାତ୍ର, ମୋହନ ବେହେରା ଯୋଗ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

ଢେଙ୍କାନାଳ ଅଫିସ, ୧୬।୧୧

ଢେଙ୍କାନାଳ ସଦର ବ୍ଲକ ତରଭାସ୍ଥିତ ବଟବିହାରୀ ବିଦ୍ୟାପୀଠରେ ଗୁରୁବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଏକକ ନୃତ୍ୟ, କଣ୍ଠ ସଙ୍ଗୀତ, ପ୍ରବନ୍ଧ ଲିଖନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜକାନ୍ତ ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନଟକିଶୋର ବିଶ୍ୱାଳ ଯୋଗଦେଇ ନେହେରୁଙ୍କ ଜୀବନାଦର୍ଶ ଉପରେ ସମ୍ୟକ ଧାରଣା ଦେଇଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ଖବରଦାତା ସମାଜର ଜାଗ୍ରତ ପ୍ରହରି’

ବନ୍ତଳା,୧୬।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ସାମ୍ବାଦିକ ସଂଘ ପକ୍ଷରୁ ସାତକୋଶିଆ ଅଭୟାରଣ୍ୟ ଜଗନ୍ନାଥପୁର ନୀଳ କଣ୍ଠେଶ୍ୱର ହାଇସ୍କୁଲରେ ଶନିବାର ସକାଳେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସାତକୋଶିଆ ସାମ୍ବାଦିକ ସଙ୍ଘର ସଭାପତି ଦିନେଶ ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିନୋଦିନୀ ପ୍ରଧାନ ଯୋଗଦେଇ କହିଲେ, ସାତକୋଶିଆର ପ୍ରକୃତି ପରିବେଶ, ଜୈବ ବିବିଧତା, ବ୍ୟାଘ୍ର ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳ, ସାତକୋଶିଆ ଗଣ୍ଡ, ଅଭୟାରଣ୍ୟ ବିଶ୍ୱସ୍ତରରେ ପରିଚୟ ସୃଷ୍ଟି କରିପାରିଛି। ଗଣମାଧ୍ୟମ ଯୋଗୁ ସାତକୋଶିଆ ପରିବେଶକୁ ଲୋକେ ଅତିନିକଟରୁ ଜାଣିପାରୁଛନ୍ତି ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ପ୍ରଫେସର ଡା. କ୍ଷୀରୋଦ ପଟ୍ଟନାୟକ ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜଗନ୍ନାଥପୁର ସରପଞ୍ଚ ବିନୋଦ ସାହୁ, ନୀଳକଣ୍ଠେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିଲେ। ବରିଷ୍ଠ ଖବରଦାତା ରାଜେନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଖବରଦାତା ସୌରରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂଘର ସଦସ୍ୟ ପ୍ରଭାତ ବେହେରା, ରତି ରଞ୍ଜନ ରାଉତ, ପ୍ରବୀଣ ପ୍ରଧାନ, କାମଦେବ ଦେହୁରୀ, ଭକ୍ତିପ୍ରସାଦ ସାହୁ, ଦିବ୍ୟଶାନ୍ତନୁ ନାଥଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସୁନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ପ୍ରେସ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ସେଣ୍ଟ ଜାଭିୟର୍ସରେ ଶିଶୁ ଦିବସ

ଅନୁଗୋଳ ଅଫିସ, ୧୬।୧୧

ଅନୁଗୋଳ ବିକାଶ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମତିଥି ତଥା ଶିଶୁ ଦିବସ ପାଳିତ ହୋଇଯାଇଛି। ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଚାଚା ନେହେରୁଙ୍କ ସ୍ମୃତିଚାରଣ କରିବା ସହ ଛାତ୍ରୀଛାତ୍ରଙ୍କୁ ତାଙ୍କ ଜୀବନୀ ଅବଗତ କରାଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ କ୍ରାଫ୍ଟ, ବୋଇତ ତିଆରି ଓ ଡିବେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଯୁବକ ମୃତ

ଢେଙ୍କାନାଳ ଅଫିସ, ୧୬।୧୧:

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନୟାଭାଗିରଥୀପୁର-ମେରାମଣ୍ଡଳୀ ଷ୍ଟେଶନ ମଧ୍ୟରେ ଥିବା ବ୍ରିଜ୍ ତଳକୁ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଶନିବାର ଅପରାହ୍ନ ୪ଟାରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଯୁବକ ହେଲେ ପ୍ରଦୀପ୍ତ ରଞ୍ଜନ ଧଳ ଓରଫ୍ ପପୁ। ତାଙ୍କ ଘର ଯାଜପୁର ଜିଲା ବରୀ ଥାନା ସେରଗାଁ ଅଞ୍ଚଳରେ। ସେ ରାଉରକେଲାରେ ରହୁଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୃତଦେହ ଜବତ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବୃତ୍ତିରେ ନିରପେକ୍ଷତା ବଜାୟ ରଖିବାକୁ ନିଷ୍ପତ୍ତି



ଢେଙ୍କାନାଳ ଅଫିସ, ୧୬।୧୧

ଢେଙ୍କାନାଳ ସର୍କିଟ ହାଉସ୍ ପରିସରରେ ଶନିବାର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ଆଇନ ପରାମର୍ଶଦାତା ମାନସ ରଥ ସଭାପତିତ୍ୱ କରିଥିଲେ। ବୃତ୍ତିରେ ନିରପେକ୍ଷତା ବଜାୟ ରଖିବା, ଭାଇଚାରା ମାଧ୍ୟମରେ ଏକାଠି ହୋଇ ସାମୂହିକ ସ୍ୱାର୍ଥ ପାଇଁ ଲଢ଼ିବାକୁ ସଂକଳ୍ପ ନେବାକୁ ମତପ୍ରକାଶ ପାଇଥିଲା। ଜିଲାର କେତେଜଣ ପ୍ରଶାସନିକ ଅଧିକାରୀ ଖବରଦାତାଙ୍କ ସ୍ୱାର୍ଥବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ସେମାନଙ୍କୁ ଅସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ଆହୁତ ବୈଠକକୁ ବର୍ଜନ କରିବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଏ ନେଇ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସାଧାରଣ ସମ୍ପାଦକ ପ୍ରତାପ କୁମାର ବରାଳ, ସହସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, କୋଷାଧକ୍ଷ ଅମରେନ୍ଦ୍ର ଦାସ, ସଦାଶିବ ମହାପାତ୍ର, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ନାରାୟଣ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ମନମୋହନ ସାହୁ, ବିଷ୍ଣୁପ୍ରସାଦ ସାମଲ, ପ୍ରଶାନ୍ତ ତ୍ରିପାଠୀ, ଦୀପେନ ହୋତା, ରଞ୍ଜନ ବେହେରା, ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରେସ ଦିବସରେ ବକ୍ତୃତା ପ୍ରତିଯୋଗିତା

ଛେଣ୍ଡିପଦା/କଣିହାଁ/ପାଲଲହଡ଼ା, ୧୬।୧୧(ସ୍ୱ.ପ୍ର.)(ଡି.ଏନ.ଏ.)

ଛେଣ୍ଡିପଦା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଛେଣ୍ଡିପଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ସଂଘ ସଭାପତି ଯଶୋବନ୍ତ ପ୍ରସାଦ ବେହେରା ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ସଙ୍କୁଳ ପ୍ରମୁଖ ସନ୍ତୋଷ କୁମାର ସାହୁ, ସମିତିସଭ୍ୟ ଭଜମନ ଗଡନାୟକ, ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁ, ଜରପଡା ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରଜ ମହାପାତ୍ର ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦିଲୀପ କୁମାର ସାହୁ ଆଲୋଚନାଚକ୍ର ‘ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା’ ଉପରେ ସମ୍ୟକ ଧାରଣା ଦେଇଥିଲେ। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାମ୍ବାଦିକ ସଂଘର ଅଜିତ କୁମାର ଧଳ, ଲଳିତ କୁମାର ପ୍ରଧାନ, ବିଦ୍ୟୁତ୍ ସିଂ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କଣିହାଁ ସାମ୍ବାଦିକ ସଂଘ ତରଫରୁ ପ୍ରେସ କ୍ଲବରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଅତିଥି ଭାବେ ଆଇନଜୀବୀ ତ୍ରିପୁରାରୀ ପ୍ରଧାନ, କଣିହାଁ ଡିଗ୍ରୀ କଲେଜର ବରିଷ୍ଠ ଅଧ୍ୟାପକ ଧନେଶ୍ୱର ସାହୁ, ସାହିତ୍ୟିକ ସିଦ୍ଧି ପ୍ରସାଦ ସାହୁ ଯୋଗ ଦେଇଥିଲେ। ପ୍ରେସ କ୍ଲବର ସଭାପତି ଭୁପେନ ଗଡ଼ନାୟକ, ସମ୍ପାଦକ ରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତିରଞ୍ଜନ ଧର ଧନ୍ୟବାଦ ଦେଇଥିଲେ। ସେହିପରି ପାଲଲହଡା ଉପଖଣ୍ଡ କାର୍ଯ୍ୟରତ ସାମ୍ବାଦିକ ସଙ୍ଘ ଆନୁକୂଲ୍ୟରେ ସ୍ଥାନୀୟ ଶରତ ଚନ୍ଦ୍ର କ୍ଲବ ପରିସରରେ ପ୍ରେସ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମ୍ମାନିତ ଅତିଥି ଭାବେ ପାଲଲହଡା ପଞ୍ଚାୟତ ସମିତି ଅଧକ୍ଷ ନବକିଶୋର ନାଏକ ଯୋଗ ଦେଇଥିଲେ। ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ସଂଘ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ।



ଛେଣ୍ଡିପଦାରେ ପ୍ରେସ ଦିବସ ପାଳନ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

■ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

## ‘ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେଉ’

ଅନୁଗୋଳ ଅଫିସ, ୧୬।୧୧

ଗଣମାଧ୍ୟମ ଗଣତନ୍ତ୍ରର ରକ୍ଷା କବଚ। ଗଣତାନ୍ତ୍ରିକ ମୂଲ୍ୟବୋଧର ଏହା ଜାଗ୍ରତ ପ୍ରହରି। ଖବରଦାତା ନିରପେକ୍ଷ ରହିଲେ ଖବର ମଧ୍ୟ ନିରପେକ୍ଷ ହେବ। ଏଥିପାଇଁ ଖବରଦାତାଙ୍କୁ ଠିକ୍ ପାରିଶ୍ରମିକ, ସୁରକ୍ଷା ମଧ୍ୟ ମିଳିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସରକାର ଆଇନ ପ୍ରଣୟନ କରିବା ଉଚିତ ବୋଲି ଅନୁଗୋଳ ଜିଲା ଖବରଦାତାଙ୍କ ପକ୍ଷରୁ ସ୍ଥାନୀୟ କଳାକେନ୍ଦ୍ରଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ପ୍ରଫେସର ଶାନ୍ତନୁ କୁମାର ସର, ସ୍ୱତନ୍ତ୍ର ଅତିଥି ଭାବେ ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ଅଧକ୍ଷ ମୀନକେତନ ଅମାନ୍ତ, ବିଶିଷ୍ଟ ଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ସମ୍ମାନିତ ଅତିଥି ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅନୁଗୋଳ ଓକିଲ ସଂଘ ସଭାପତି ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ତଥ୍ୟ ଭିତ୍ତିକ ଖବରରୁ ଏବେ ବିଶ୍ଳେଷଣାତ୍ମକ ଖବର ପରିବେଷିତ ହେଉଛି। ଏଥିପାଇଁ ଖବରଦାତାମାନେ ବହୁ ଶ୍ରମ କରୁଥିବା ମୁଖ୍ୟବକ୍ତା କହିଥିଲେ। ଖବରଦାତାଙ୍କ ସୁରକ୍ଷା, ପେନ୍‌ସନ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଅତିଥି ଅମାନ୍ତ କହିଥିଲେ। ନାଲ୍‌କୋ ଏଚଆରଜିଏମ୍ ସାହୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଖବରଦାତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ଓକିଲ ସଂଘ ସଭାପତି ଜିତେନ୍ଦ୍ର ସାହୁ ଭ୍ରଷ୍ଟାଚାର ମୁକ୍ତ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପରେ ଦିବଙ୍ଗତ ଖବରଦାତା ଚିତ୍ତରଞ୍ଜନ ସ୍ୱାଇଁ ଓ ଅମିତାଭ ଦାସଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଖବରଦାତା ସଂଗ୍ରାମ ରଞ୍ଜନ ଦାସ, ଗୋପାଳ ଚନ୍ଦ୍ର ନାଥ, ସୁବାସ ଚନ୍ଦ୍ର ସାହୁ, ବୀରେନ୍ଦ୍ର କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ୬୦ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ



**ଓଡ଼ାପଡ଼ା, ୧୬।୧୧(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ବର୍ତ୍ତମାନ ଯୁଗରେ ନାରୀମାନେ ନିଜେ ନିଜକୁ ସୁରକ୍ଷା କରିବା ଦରକାର । ଏହି ତାଲିମ ସେମାନଙ୍କୁ ମାନସିକସ୍ତରରେ ସୁଦୃଢ଼ କରିବାରେ ସହାୟତା କରିବ। ଶିବିରରେ ଯୁକ୍ତ ୨ ପ୍ରଥମ ବର୍ଷର ୬୦ଜଣ ଛାତ୍ରୀ ଯୋଗଦେଇଛନ୍ତି। ଏହା ଆସନ୍ତା ୨୯ ତାରିଖ ଯାଏ ଚାଲିବ। ଲୋପାମୁଦ୍ରା ପ୍ରଧାନ, ଅସୀମା ପ୍ରିୟଦର୍ଶିନୀ ତାଲିମ ଦେଉଛନ୍ତି। ଶିବିରକୁ ମୁଖ୍ୟ ସଂଯୋଜକ ଦୁର୍ଗାମାଧବ ପାଣିଗ୍ରାହୀ, ସଂଯୋଜକ ଚିରଞ୍ଜୀବ ବୋଷ ପରିଚାଳନା କରୁଛନ୍ତି।

### ୧ରେ ଜିଲା ଚେସ୍ ସଂଘ ନିର୍ବାଚନ

**ଢେଙ୍କାନାଳ ଅଫିସ,୧୬।୧୧:** ଢେଙ୍କାନାଳ ଜିଲା ଚେସ୍ ସଂଘର କାର୍ଯ୍ୟକାରିଣୀ ବୈଠକ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୧ରେ ଦଧିବାମନଜୀଉ ମଠ ପ୍ରାଙ୍ଗଣରେ ସଂଘର ନିର୍ବାଚନ ଅନୁଷ୍ଠିତ ହେବ। ୧୪ ଏବଂ ୧୫ ତାରିଖରେ ସ୍ଥାନୀୟ ଟାଉନ୍ ହଲରେ ଜିଲା ଚେସ୍ ଚାମ୍ପିୟନଶିପ ପ୍ରତିଯୋଗିତା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରାରମ୍ଭରେ ସମ୍ପାଦକ ଦେବବ୍ରତ ଭଞ୍ଜ ବିଗତବର୍ଷର ବିବରଣୀ ପାଠ କରିଥିଲେ। ଚେସକୁ ଲୋକାଭିମୁଖୀ କରିବା, ଅଧିକରୁ ଅଧିକ ଖେଳାଳି ସୃଷ୍ଟି କରିବା, ଏହାକୁ ଗ୍ରାମାଞ୍ଚଳକୁ ପ୍ରସାରିତ କରିବା, ଉତ୍ତମ ପ୍ରଦର୍ଶନ କରୁଥିବା ପ୍ରତିଯୋଗୀଙ୍କୁ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ପ୍ରସ୍ତୁତ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା।

### ସଡ଼କ ଦୁର୍ଘଟଣାରେ ୨ ଗୁରୁତର

**କାମାକ୍ଷାନଗର, ୧୬।୧୧(ଡି.ଏନ୍.ଏ.):** କାମାକ୍ଷାନଗର ସହର ମହିମା ଟୁଙ୍ଗି ନିକଟରେ ଶନିବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅନନ୍ତପୁର ସାହିର କାଳିଆ ପାଣି (୪୦) ଏବଂ ସୁଧାକର ରାଉତ (୩୭)। ଉଭୟେ ସ୍କୁଟିରେ କାମାକ୍ଷାନଗରରୁ ରେକୁଳା ଯାଉଥିବାବେଳେ ମହିମା ଟୁଙ୍ଗି ସମ୍ମୁଖରେ ଏକ କୁକୁର ସହିତ ଧକ୍କା ହୋଇଥିଲା। ରାସ୍ତାରେ ଛିଟିକି ପଡ଼ିଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଏକ କାରରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦୁହିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାଳିଆଙ୍କ ମୁଣ୍ଡ ଏବଂ ସୁଧାକରଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଛି।

## ଜାତୀୟ ପ୍ରେସ୍ ଦିବସ

# 'ଚାପଗ୍ରସ୍ତ ନ ହୋଇ ଖବର ପରିବେଷଣ କର'

**ଢେଙ୍କାନାଳ ଅଫିସ, ୧୬।୧୧**

ସତ୍ୟ ଖବର ପରିବେଷଣ କରିବା, ଅନ୍ୟମାନଙ୍କୁ ଜାଗ୍ରତ କରାଇବା ଗଣମାଧମର ମୂଳ ଲକ୍ଷ୍ୟ। ବୃତ୍ତିକ୍ଷେତ୍ରରେ ଚାପଗ୍ରସ୍ତ ନ ହୋଇ ନିର୍ଭୀକ ଭାବେ ଖବର ପରିବେଷଣ କଲେ ଗଣମାଧମର ମୂଲ୍ୟବୋଧକୁ ସମସ୍ତେ ଅନୁଭବ କରିବେ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍‌ରେ ଶନିବାର ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଖବରଦାତାଙ୍କୁ ଏପରି ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ କହିଲେ, ଉପସ୍ଥାପନ ଶୈଳୀ ଜନସାଧାରଣଙ୍କୁ ପ୍ରଭାବିତ କରିଥାଏ। ଏଥିପ୍ରତି ଦୃଷ୍ଟି ଦେଇ ନିରପେକ୍ଷ ଭାବେ ଖବର ପରିବେଷଣ କଲେ ସମାଜର ମଙ୍ଗଳ ହେବ। ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରୀ ମୋହନ ରାଉତ, ରତନ ନାୟାର, ପ୍ରଦୀପ ସେନାପତି, ଶିଶିର ଶତପଥୀ, ରାଜଶ୍ରୀ ଶତପଥୀ, ବିଷ୍ଣୁପ୍ରସାଦ ମହାରଣା, ଦୀନେଶ ଦାସ, ଶତ୍ରୁଘ୍ନ ନନ୍ଦ, ଅଭୟ ସାହୁଙ୍କ ସମେତ ଆଇଆଇଏମ୍‌ସିର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଖବର ପରିବେଷଣ ବେଳେ ବିଭିନ୍ନ ଦିଗକୁ ସମୀକ୍ଷା କରିବା, କର୍ତ୍ତବ୍ୟନିଷ୍ଠ ହେବା, ପରିବର୍ତ୍ତନ ସହ ଖାପଖୁଆଇ ଦପ୍ତର ସହ କଲମ ଚାଳନା କରିବା, ସକାରାତ୍ମକ ଖବର ଉପରେ ଅଧିକ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା।



ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଆଇଆଇଏମ୍‌ସି ଛାତ୍ର ଯତୀନ ଗ୍ରୋଭର, ଧ୍ରୁବକ୍ଷ ଶାହା, ପ୍ରୀତମ କାଶ୍ୟପ, ସୌମ୍ୟାସ୍ୱରୂପା ଦାଶ, ଅବିନାଶ ସାହୁ, ବିନୋଦ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ନିର୍ଭୟାଙ୍କୁ କୋଳେଇନେଲେ ଫର୍ନାଣ୍ଡିଜ୍ ଦମ୍ପତି




**ଢେଙ୍କାନାଳ ଅଫିସ, ୧୬।୧୧**

ରାସ୍ତାକଡ଼ରୁ ଉଦ୍ଧାର ହୋଇଥିବା ଶିଶୁକନ୍ୟା ନିର୍ଭୟାଙ୍କୁ କୋଳେଇ ନେଇଛନ୍ତି ମୁମ୍ବାଇର ଫର୍ନାଣ୍ଡିଜ ଦମ୍ପତି। ଏହାପରେ ଉକ୍ତ କୋମଳମତି ଶିଶୁଙ୍କ ଭାଗ୍ୟ ଆକାଶରେ ନୂତନ ସୂର୍ଯ୍ୟ ଉଦୟ ହେଇଛି।

ଢେଙ୍କାନାଳ-ଯୋରନ୍ଦା ରାସ୍ତାର ତେରମାଇଲ ନିକଟ ଏକ ଦୋକାନ ପାଖରୁ କିଛିଦିନ ତଳେ ଏକ ନବଜାତ କନ୍ୟା (ନିର୍ଭୟା)ଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହକୁ ଅଣାଯାଇଥିଲା। ଜାତୀୟ ପୋଷ୍ୟ ସନ୍ତାନ ସପ୍ତାହ ଅବସରରେ ମୁମ୍ବାଇର ଥୋମାସ ୱିଲିୟମ ଫର୍ନାଣ୍ଡିଜ ଏବଂ ଜାନେଥ ଥୋମାସ ଫର୍ନାଣ୍ଡିଜ ଶିଶୁଗୃହରେ ପହଞ୍ଚି ନିର୍ଭୟାଙ୍କୁ ଅପଣାଇ ନେଇଛନ୍ତି। ଏ ସମ୍ପର୍କିତ ସମସ୍ତ ଆଇନଗତ କାର୍ଯ୍ୟ ଶେଷ ହୋଇଛି। ଶିଶୁଙ୍କୁ ହସ୍ତାନ୍ତର ସମୟରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ସଭ୍ୟ ନିରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ବିଭିନ୍ନ ନିୟମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ସାହୁଙ୍କ ସମେତ ଶିଶୁଗୃହ କର୍ମଚାରୀ ଓ ଅନ୍ତେବାସୀ ଉପସ୍ଥିତ ଥିଲେ।

## ବିୟୁଟି ପାର୍ଲର ତାଲିମ ଶିବିର


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୬।୧୧**

ଢେଙ୍କାନାଳ ସହର ଏଲ୍‌ଆଇସି ରୋଡ୍‌ସ୍ଥିତ ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ଗୁରୁବାର ବିୟୁଟି ପାର୍ଲର ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହା ଏକମାସ ଧରି ଚାଲିବ। ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ପରିଚାଳକ ଉମାକାନ୍ତ ରାଜ, ନାବାର୍ଡ ଜିଲା ପରିଚାଳକ ଡ. ଜ୍ଞାନେନ୍ଦ୍ର ରାଉତ, ଲିଡ ବ୍ୟାଙ୍କ ମ୍ୟାନେଜର ରବିନାରାୟଣ ପାଣିଗ୍ରାହୀ, ଡିଆର୍‌ଡିଏ କାର୍ଯ୍ୟାଳୟର ଜୀବିକା ମିଶନ ସରକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ମୌସୁମୀ ସାହୁ, ତାଲିମଦାତା ରଶ୍ମିବାଳା ଜେନା ଉପସ୍ଥିତ ଥିଲେ। ପାର୍ଲର ତାଲିମ ଦ୍ୱାରା ମହିଳାମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରଶିକ୍ଷକ ଚିନ୍ମୟ ଜେନା, ସୁଚିତ୍ରା ଗଡ଼ନାୟକ, କାଦମ୍ବରୀ ମହାକୁଡ଼, ପ୍ରଣବ ରଞ୍ଜନ ମିଶ୍ର, ସତ୍ୟଶୁଭମ୍ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୧୬।୧୧**

ଢେଙ୍କାନାଳ ସାନ୍ଧ୍ୟ କନିଷ୍ଠ ମହାବିଦ୍ୟାଳୟରେ ଶୁକ୍ରବାର ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ୫୪ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ପୂଜା ବେହେରା, ଜ୍ୟୋତିର୍ମୟୀ ମହାପାତ୍ର ପ୍ରଶିକ୍ଷକ ଭାବେ ତାଲିମ ଦେଉଛନ୍ତି। ଜିଲା ସଂଯୋଜକ ଅକ୍ଷୟ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ମାନଗୋବିନ୍ଦ ଗୋଛି ଯୋଗଦେଇ କହିଲେ, ଆତ୍ମରକ୍ଷା କୌଶଳ ବିପଦଆପଦରେ ସହାୟକ ହେବ। ଏହାକୁ ଉପଯୋଗ କରି ଛାତ୍ରୀମାନେ ନିଜେ ସୁରକ୍ଷିତ ରହିପାରିବେ। ଅଧ୍ୟାପକ ସୁଶାନ୍ତ ନାୟକ, ଅଜୟ ଦାସ, କ୍ରୀଡ଼ା ଶିକ୍ଷକ ରତିକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧାରଣାରେ ବସିଲେ ଠିକାଦାର

**ଢେଙ୍କାନାଳ ଅଫିସ, ୧୬।୧୧**

ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ଧାରଣାକୁ ଓହ୍ଲାଇଛି ଢେଙ୍କାନାଳ ଜିଲା ଠିକାଦାର କଲ୍ୟାଣ ସଂଘ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ପାଇଁ ଲାଗୁ ହୋଇଥିବା ନୂତନ ନିୟମକୁ ବିରୋଧ କରି ଠିକାଦାରମାନେ ଶନିବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ନୂତନ ନିୟମ ଅନୁଯାୟୀ ବାଲି, ଗୋଡ଼ି, ମାଟି ଆଦି ନିର୍ମାଣ ସାମଗ୍ରୀ ଉପରେ ଟ୍ରାଞ୍ଜିଟ୍ ପାସ୍‌ର ବ୍ୟବସ୍ଥା କରାଯାଇଛି। ହେଲେ ସରକାରୀସ୍ତରରେ ଏହି ପାସ୍ କିଏ ଦେବ ସେ ସମ୍ପର୍କରେ ସ୍ପଷ୍ଟ କରାଯାଇନାହିଁ। ଠିକାଦାରଙ୍କ ବିଲ୍‌ରୁ ଏହା ବାଦ୍ ପଡ଼ିବ। ଫଳରେ ଏହା ଏକ ପ୍ରମୁଖ ସମସ୍ୟା ହେବ। ଏହାର ସମାଧାନ ନ ହେଲେ ଅଲଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏଶନର ନିଷ୍ପତ୍ତି ଅନୁଯାୟୀ, ୨୦ ତାରିଖରୁ ସରକାରୀ କାର୍ଯ୍ୟ ବନ୍ଦ କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ସଂଘ ସଭାପତି ସୁଧାଂଶୁ ଧଳ, ସମ୍ପାଦକ ଜି. ପରମେଶ୍ୱର ରାଓଙ୍କ ସମେତ ଅନ୍ୟ ସଦସ୍ୟମାନେ ଜିଲାପାଳଙ୍କ ଜରିଆରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ମନେପଡ଼ିଲେ ରାଜା ଶଙ୍କରପ୍ରତାପ

**ଢେଙ୍କାନାଳ ଅଫିସ, ୧୬।୧୧**

ଢେଙ୍କାନାଳର ଶେଷ ସ୍ୱାଧୀନ ରାଜା ଶଙ୍କରପ୍ରତାପ ମହିନ୍ଦ୍ର ବାହାଦୁରଙ୍କ ୧୧୫ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ରାଜବାଟୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁରପ୍ରତାପ ଟ୍ରଷ୍ଟ ବୋର୍ଡ ଅଧକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ (କେପି) ଏଥିରେ ଅଧକ୍ଷତା କରି କହିଲେ, ରାଜା ଶଙ୍କରପ୍ରତାପ ଦୂରଦୃଷ୍ଟିସମ୍ପନ୍ନ ତଥା ନ୍ୟାୟବନ୍ତ ରାଜା ଥିଲେ। ତାଙ୍କ ରାଜତ୍ୱ କାଳରେ ଗଡ଼ଜାତ ରାଜ୍ୟରେ ଶିକ୍ଷା, ଜଳସେଚନ, ଗମନାଗମନ, ସ୍ୱାସ୍ଥ୍ୟସେବାର ବିକାଶ ହୋଇପାରିଥିଲା। ସେ ଶାରୀରିକ ଶିକ୍ଷାକୁ ବାଧତାମୂଳକ କରିଥିଲେ। ତାଙ୍କ ଉଦ୍ୟମରେ ୧୯୨୮ରେ ଢେଙ୍କାନାଳ ଗଡ଼ରେ ରେଳଷ୍ଟେଶନ ସ୍ଥାପିତ ହୋଇଥିଲା। ଦେଶ ସ୍ୱାଧୀନତା ପୂର୍ବରୁ ସେ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କରିଥିଲେ। ତାଙ୍କ ବଳିଷ୍ଠ ପ୍ରଚେଷ୍ଟାରେ ପୌର ପରିଷଦ ଗଠନ ହୋଇଥିଲା ବୋଲି କେପି ସୂଚନା ଦେଇଥିଲେ। ଏହି ଅବସରରେ ସୁରପ୍ରତାପ ଟ୍ରଷ୍ଟ ବୋର୍ଡର ଅନ୍ୟତମ ସହକାରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ରାଣୀ ସାବିତ୍ରୀ ଦେବୀ, କୁମାର ରଣେନ୍ଦ୍ର ପ୍ରତାପ ସିଂଦେଓ, ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ପରେଶ ମିଶ୍ର, ସୁକାନ୍ତ ମିଶ୍ର, ସମରେନ୍ଦ୍ର ନନ୍ଦ, ସୁବାସିନୀ ମହାକୁଡ, ଅକ୍ଷୟ ଜେନା, ସୁନୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



## ମାଇକ୍ରୋମିଡିଆର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

# 'କଳାକାର ଚିହ୍ନଟ ପାଇଁ ସୁଯୋଗ'

**ଢେଙ୍କାନାଳ ଅଫିସ, ୧୬।୧୧**

ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆର ୧୭ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ସୁପ୍ତ ପ୍ରତିଭାକୁ ଜାଗ୍ରତ ଏବଂ ବିକଶିତ କରିବା ପାଇଁ ଏଭଳି ସାଂସ୍କୃତିକ ଉତ୍ସବ ସୁଅବସର ସୃଷ୍ଟି କରିଛି। ଏହା ମାଧମରେ କଳାକାରଙ୍କୁ ଚିହ୍ନଟ କରିବା ପାଇଁ ସୁଯୋଗ ମିଳିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସମ୍ମାନିତ ଅତିଥି ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ପ୍ରମୁଖ ମଞ୍ଚାସୀନ ରହି କହିଲେ, ସଂସ୍କୃତିସମ୍ପନ୍ନ ଜିଲା ଭାବେ ଢେଙ୍କାନାଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହାର ଐତିହ୍ୟ ନିଆରା। ଏହାକୁ ନେବାକୁ ସମସ୍ତଙ୍କ ସହଯୋଗ ଲୋଡ଼ା। ଏହି ଅବସରରେ ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ।

ଅନୁଷ୍ଠାନର ମାର୍ଗଦର୍ଶକ ଗଗନ ବିହାରୀ ନନ୍ଦ ଉତ୍ସବରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କବି ଅଭୟ କୁମାର ସାହୁ, ଗଣେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମାଇକ୍ରୋମିଡିଆ ସମେତ ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସୁରଭିରେ ଜିଲାକୁ ସଫଳତା


ଜିଲା ଶିକ୍ଷାଧିକାରୀଙ୍କୁ ମନ୍ତ୍ରୀ ପୁରସ୍କୃତ କରୁଛନ୍ତି।

- ପୁରସ୍କୃତ ହେଲେ ଜିଲା ଶିକ୍ଷାଧିକାରୀ
- ଚିତ୍ରାଙ୍କନରେ ଜ୍ଞାନେନ୍ଦ୍ର ବେହେରା ଶ୍ରେଷ୍ଠ
- କାନପୁରା ହାଇସ୍କୁଲକୁ ଆର୍ଥିକ ପୁରସ୍କାର

**ଢେଙ୍କାନାଳ ଅଫିସ, ୧୬।୧୧**

ରାଜ୍ୟସ୍ତରୀୟ ସୁରଭି-୨୦୧୯ରେ ଢେଙ୍କାନାଳ ଜିଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶିକ୍ଷାକ୍ଷେତ୍ରରେ ସାମଗ୍ରିକ ଉନ୍ନତି ପାଇଁ ଜିଲା ଶିକ୍ଷାଧିକାରୀ ଭୁବନେଶ୍ୱରରେ ଆୟୋଜିତ ସମାରୋହରେ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ ପୁରସ୍କୃତ ହୋଇଛନ୍ତି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତାଙ୍କୁ ପୁରସ୍କୃତ କରିଥିଲେ।

ସାଥ୍ ଟିମ୍ ଦ୍ୱାରା କରାଯାଉଥିବା ସର୍ବେକ୍ଷଣରେ ଢେଙ୍କାନାଳ ବିଗତ ୬ମାସ ଧରି ସାରା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିମାସରେ ଏହାର ସମୀକ୍ଷା କରାଯାଉଛି। ସେହିପରି ବରିଷ୍ଠ ବିଭାଗ ଚିତ୍ରାଙ୍କନରେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ଜ୍ଞାନେନ୍ଦ୍ର ବେହେରା ପ୍ରଥମ ହୋଇଛନ୍ତି। କଳା ଉତ୍ସବ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆ ଶ୍ରୁତଲିଖନ ଓ ହସ୍ତାକ୍ଷର ପ୍ରତିଯୋଗିତାରେ ସିମିଳିଆ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରୀ ପ୍ରଥମ ହୋଇଛନ୍ତି। କଳା ଉତ୍ସବ ପକ୍ଷରୁ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜୟଶ୍ରୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଦ୍ୟାଳୟରେ ସ୍ୱଚ୍ଛ ବାତାବରଣ ପାଇଁ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ